Santosh Kumar Sahoo,OAS,(JB)
Tahasildar,Garadpur
Email:tdrgaradpur@gmail.cum

# ତହସିଲଦାର, ଗରଦପୁରଙ୍କ କାର୍ଯ୍ୟାଳୟ

## ଦୀର୍ଘମିଆଦି ଲିଜ ନିମନ୍ତେ ନିଲାମ ଇସ୍ତାହାର

ପତ୍ର ସଂଖ୍ୟା:- ୨୩୯୫ ତାରିଖ: ୧୬.୦୮.୨୨

ଏତଦ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଗରଦପୁର ତହସିଲ ଅନ୍ତର୍ଗତ ସୁଚିରେ ପ୍ରଦତ୍ତ ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଗୁଡିକୁ ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ (୨୦୨୨ – ୨୩ ଆର୍ଥିକ ବର୍ଷ ଠାରୁ ୨୦୨୬ – ୨୭ ପର୍ଯ୍ୟନ୍ତ )ଦୀର୍ଘମିଆଦି ଲିଜ ସୂତ୍ରେ ନେବା ପାଇଁ ଇଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତକୁ ଜଉମୁଦା ଲଫାପାରେ ରେଜିଷ୍ଟ୍ରି ଡାକ ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦା ଟେଣ୍ଡର ବକ୍ସରେ ତା-୧୬.୦୮.୨୨ ରିଖ ପୂର୍ବାନ୍ନ ୧୦ ଘଟିକାରୁ ୧୫.୦୯.୨୨ ଅପରାହ୍ନ ୫.୩୦ ଘଟିକା ସୁଧା ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ସମ୍ପୂର୍ଣ ବିଜ୍ଞାପନ ନିମନ୍ତେ ଜିଲ୍ଲା ୱେବ ସାଇଟ www.kendrapara.nic.in ରେ ଲଗିନ କରନ୍ତୁ ।

ଠିକଣା

ତହସିଲଦାରଙ୍କ କାର୍ଯ୍ୟାଳୟ ଗରଦପୁର
ସା/ପୋ. ଗରଦପୁର
ଜିଲ୍ଲା. କେନ୍ଦ୍ରାପଡା
ପିନ. ୭୫୪୧୫୩

ତହସିଲଦାର ,ଗରଦପୁର

Santosh Kumar Sahoo,OAS,(JB)
Tahasildar,Garadpur
Email:tdrgaradpur@gmail.cum

# ତହସିଲଦାର, ଗରଦପୁରଙ୍କ କାର୍ଯ୍ୟାଳୟ

## ବିଜ୍ଞପ୍ତିସଂଖ୍ୟା:୨୩୯୬ / ତାରିଖ :-୧୬.୦୮.୨୦୨୨

## ଦୀର୍ଘମିଆଦି ଲିଜ ନିମନ୍ତେ ନିଲାମ ଇସ୍ତାହାର

ଏତଦ ଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ , ଓଡିଶା ସରକାରଙ୍କ ରାଜସ୍ଵ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ,ଗରଦପୁର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ )ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ଵାନ କରାଯାଉଅଛି ।

ଲିଜରେ ଅଂଶଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକୁ ପରିଦର୍ଶନକରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା,ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନିୟ । ଲିଜ ନେବାପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାଇରହିବେନାହିଁ ।

ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Amendment) Rule -2016 ଏବଂ ଏହାର Amendments Rule ମୁତାବକ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ Sealed Cover ରେ ଆବେଦନ କରିବେ ।

୧ OMMC Rule -2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ୩ କିତା ଫର୍ମ- M(3 Copies) ଦାଖଲ କରିବେ ।

୨ ଦରଖାସ୍ତ ଫି ବାବଦକୁ ଟ-୧୦୦୦.୦୦(ଏକ ହଜାର )ଟଙ୍କାର ଟ୍ରେଜେରୀ ଚାଲାଣ (ଅଣଫେରସ୍ତ)(Head of Account-0853-Non – Ferrous Mining and Metrological Industries -102-Mineral Concession fees,Rent & Royalties-0217 Receipt under OMMC fees,Rent& Royalties -2017 Received under OMMC fees(New)-02021-Collection of fees Rent& Royalties(New) ଦାଖଲ କରିବେ ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୩ ଉତ୍ସର ନାମ,ତଫସିଲ ଏବଂ ସରହଦ ବିବରଣୀ ସଲଗ୍ନ କରିବା ହେବେ ।

୪ ଦରଖାସ୍ତକାରୀଙ୍କ ନାମରେ Mine Sand Mineral (Development & Regulation Act-1957 & OMMC Rule-2016) ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜ୍ୟସ୍ୱ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ ।

୫ ଦରଖାସ୍ତକାରୀ ୧୮ ମାସର ଅବଧି ଥାଇ ଏକ ଶୋଧକ୍ଷମ ପ୍ରମାଣ ପତ୍ର (Solvency Certificate ) କିମ୍ବା Bank ପ୍ରତ୍ୟଭୁତି (Bank Guarantee)ଦାଖଲ କରିବେ ଯାହାର ସର୍ବନିମ୍ନ ମୂଲ୍ୟ ସଇରାତ ଉତ୍ସର ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed quantity for one year) x(Royalty + Offered Additional Charges by participant )ହେବା ଆବଶ୍ୟକ ।

୬ ଦରଖାସ୍ତକାରୀ ଆବେଦନକରୁଥିବା ସଇରାତ ଉତ୍ସର EMD(Earnest Money Deposit) Bank ଡ୍ରାଫ୍ଟ ହିସାବରେ ଜମା କରିବେ ଯାହାର ପରିମାଣ(Minimum Guaranteed quantity) x (Royalty + Offered Additional Charges by participant ) ର ଶତକଡା ୫% ରହିବ । ଉକ୍ତ Bank Draft Tahasildar,Garadpur ଙ୍କ ନାମରେ Payable at- UCO Bank, Garadpur କରିବା ବାଞ୍ଛନୀୟ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୭ ଦରଖାସ୍ତକାରୀ ପ୍ରାଧିକୃତ ରାଜ୍ୟସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅସ୍ଥାବର ସଂପତ୍ତି ତାଲିକା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ , ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ ଏବଂ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ସଲଗ୍ନ କରିପାରନ୍ତି ।

୮ ଦରଖାସ୍ତକାରୀ ଗତବର୍ଷର ଆୟକର (Income tax return filling)ବିବରଣୀର ନକଲ / GST Clearance Certificate ର ନକଲ ଦାଖଲ କରିବେ ।

୯ ଦରଖାସ୍ତକାରୀ କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା (Self declaration)ଦାଖଲ କରିବେ ।

୧୦ ଦରଖାସ୍ତକାରୀ ସଇରାତ ଉତ୍ସ ର Mining plan, EC Preparation& Sairat Advertising Cost ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

୧୧ ଦରଖାସ୍ତକାରୀ ବନ୍ଦ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖକରିବେ । ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦା ଲଫାପାରେ Registered Post କିମ୍ବା Speed Post ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦା ଦିଆ tender box ରେ ତା-୧୬.୦୮.୨୨ ରିଖ ଠାରୁ ତା-୧୫.୦୯.୨୨ ରିଖ ମଧ୍ୟରେ ଅପରାହ୍ନ ୫.୩୦ ଘଟିକା ସୁଧା ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ଲଫାପା ଉପରେ ସଇରାତ ଉତ୍ସ ର ନାମ ଓ ସଇରାତ କେସ ନମ୍ବର ଲେଖିଥିବା ଆବଶ୍ୟକ ।

ନିଲାମ ଧାର୍ଯ୍ୟ ତାରିଖର ପୂର୍ବ ଦିନ ଅପରାହ୍ନ ୫.୩୦ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା , କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ , କେନ୍ଦ୍ରାପଡାଙ୍କର ରହିଅଛି । ତା :୧୬.୦୯.୨୨ ରିଖ ପୂର୍ବାହ୍ନ ଘ .୧୧ ଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ Tendar Box ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ OMMC Rule-2016 ଅନୁଯାଇ ସମସ୍ତ ସର୍ତ୍ତାବଳିକୁ ପୂରଣ କରିଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମ ମଧ୍ୟରୁ ସର୍ବୋଚଦର ଉଲ୍ଲେଖ କରିଥିବା ଦରଖାସ୍ତ କାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରାଯିବ ।

ଯଦି ସଇରାତ ଉତ୍ସଟି ଉପରୋକ୍ତ ଦିବସରେ ନିଲାମ ହୋଇନପାରେ ତେବେ ତାହା ୩୦.୦୯.୨୨ ରିଖ ଅପରାହ୍ନ ୫.୩୦ ପର୍ଯ୍ୟନ୍ତ ପୁନର୍ବାର Registered Post /Speed Post /Tender box ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ୦୧.୧୦.୨୨ ରିଖ ପୂର୍ବାହ୍ନ ଘ .୧୧. ଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ Tendar Box ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ।

ସେହିପରି ଯଦି ସଇରାତ ଉତ୍ସଟି ଉପରୋକ୍ତ ଦିବସରେ ନିଲାମ ହୋଇନପାରେ ତେବେ ତାହା ୩୧.୧୦.୨୨ ରିଖ ଅପରାହ୍ନ ୫.୩୦ ପର୍ଯ୍ୟନ୍ତ ପୁନର୍ବାର Registered Post /Speed Post /Tender box ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ୦୧.୧୧.୨୨ ରିଖ ପୂର୍ବାହ୍ନ ଘ .୧୧ ଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ Tender Box ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ।

## ଠିକଣା

ତହସିଲଦାରଙ୍କ କାର୍ଯ୍ୟାଳୟ ଗରଦପୁର
ସା/ପୋ. ଗରଦପୁର
ଜିଲ୍ଲା. କେନ୍ଦ୍ରାପଡା
ପିନ. ୭୫୪୧୫୩

# ସର୍ତ୍ତାବଳୀ :

୧) ଆବେଦନକାରୀମାନେ **OMMC Rule -2016** ଏବଂ ଏହାର **Amendments Rule** ପରିସର ଭୁକ୍ତ ରହିବେ ।

୨) ପ୍ରଚଳିତ ନିୟମାବଳୀ ଅନୁଯାୟୀ ସର୍ବୋଚ୍ଚ ନିଲାମଧରୀଙ୍କ ଦରଖାସ୍ତ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନ କରାଯିବ ।

୩) ଲିଜଧାରୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର ୭ ଦିନ ମଧ୍ୟରେ Demand Draft ମାଧ୍ୟମରେ କିମ୍ବା ନଗଦ ଟଙ୍କା ଆକାରରେ ତହସିଲଦାର ,ଗରଦପୁର ଙ୍କ ନିକଟରେ ଦାଖଲ କରିବେ ।

୪) ନୀଲାମଧାରୀ **Mining Plan, EC** ଏବଂ **Advertising** ର ମୂଲ୍ୟ ଦାଖଲକରିବେ ନଚେତ ଲିଜ ବାତିଲ କରାଯିବ । ସର୍ବୋଚ୍ଚ ନୀଲାମଧାରୀ ବାଲିଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to Operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ (Odisha Pollutation Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

୫) **Mining Plan** ରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ୍ ଦାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସଂପୃକ୍ତ ଅର୍ଥକୁ **Environment Clearance** ଆଣିସାଇଲା ପରେ ପୈଠ କରିବେ । ସମ୍ପୂର୍ଣ୍ଣ ରାଶି ପୈଠ ହେଲା ପରେ ରେଜିଷ୍ଟ୍ରେସନ ACT ୧୯୦୮ ଓ ଷ୍ଟାମ୍ପ ACT ୧୮୯୯ ଅନୁଯାୟୀ ଚୁକ୍ତିପତ୍ର lease deed ସମ୍ପାଦନ କରିବେ।

୬) ଯଦି ସର୍ବୋଚ୍ଚ ରୟାଲଟି ମୂଲ୍ୟଙ୍କ କରିଥିବା ଆବେଦନକାରୀ ସମୟ ସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ଓ ପରବର୍ତୀ ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଅ ଯିବ।

୭) ଯଦି ଦରଖାସ୍ତ କାରୀ ଧାର୍ଯ୍ୟ Minimum Additional Charges(Rs.14/-) ମୂଲ୍ୟଠୁ କମ ମୂଲ୍ୟ ଉଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାର କୁ ନିଆଯିବ ନାହିଁ ।

୮) ବାଲି ପାଇଁ ସର୍ବନିମ୍ନ ସରକାରୀ Royalty ମୂଲ୍ୟ ଘନମିଟର ପ୍ରତି (Per Cubic Meter) ୩୫ ଟଙ୍କା ଏବଂ ସର୍ବନିମ୍ନ ଅତିରିକ୍ତ ଦେୟ ଘନମିଟର ପ୍ରତି ୧୪ ଟଙ୍କା ଧାର୍ଯ୍ୟ କରାଯାଇଅଛି ।

9) OMMC Rule-2016 ନିୟମ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି ବାଜ୍ୟାପ୍ତି କରିବାର କ୍ଷମତା କ୍ଷମତା ପ୍ରାପ୍ତ ଅଧିକାରିଙ୍କର ରହିବ ।

10) ଲିଜଧାରୀ ସଇରାତ ଉତ୍ସ ସମନ୍ଧୀୟ ସମସ୍ତ ଦେୟ ଯଥା Royalty,Additional Charge,Dead Rent,Surfarce Rent,DMF,EMF ଓ ଅନ୍ୟାନ୍ୟ ଦେୟର

OMMC Rule-2016 ଅନୁଯାୟୀ କ୍ଷମତା ପ୍ରାପ୍ତ ଅଧିକାରିଙ୍କ ନିକଟରେ ପେଠ କରିବେ ଏବଂ ସମସ୍ତ ଦେୟର 2% ଆୟକର (TDS) ବାବଦକୁ ଜମା କରିବେ ।

୧୧) ଲିଜଧାରୀ ସଇରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଓ ବାଡଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ (Display Board) ଏବଂ ଆବଶ୍ୟକତା ବ୍ୟବସ୍ଥା କରି ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜଧାରୀ ବହନକରିବେ ।

୧୨) ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ଉତ୍ସରୁ ବାଲିଉଠାଇ ପାରିବେ ନାହିଁ ।

୧୩) ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ(www. Kendrapara.nic.in)ରେ ଦେଖି ପାରିବେ ।

୧୪) ନିଲାମ ଦରଖାସ୍ତ କାରୀମାନେ ଓଡିଶା ଲଘୁ ଖଣିଜନିୟମ – ୨୦୧୬(OMMC Rule-2016) ଏବଂ ତତ ସଂଲଗ୍ନ ସମସ୍ତ ସରକାରୀ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

୧୫) ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନ ତ୍ରୟ ମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

୧୬) ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସଂଶୋଧନ କରିବା ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

୧୭) ଲିଜ ଅବଧି ମଧ୍ୟରେ ଲିଜ ଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଂଘନ କଲେ ତାଙ୍କ ଲିଜ ରଦ୍ଧ କରିବା ସଙ୍ଗେସଙ୍ଗେ ଜମାରାଶି କୁ ବାଜ୍ୟାପ୍ତି କରାଯିବ ।

୧୮) ଲିଜଧାରୀ Mines Act-1952 ଏବଂ Explocive Act-1984 ର ସମସ୍ତ ନିୟମ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୯) ଏତଦ ବ୍ୟତୀତ ଅନ୍ୟ ଯେକୋଣସି ନିର୍ଦେଶ ନାମା ଉଚ୍ଚକର୍ତ୍ତୃପକ୍ଷଙ୍କ ଠାରୁ ହସ୍ତଗତ ହୁଏ ତେବେ ଲିଜଧାରୀ ତାହା ମାନିବାକୁ ବାଧ୍ୟ ହେବେ ।

୨୦) ଲୁଣାନଦୀ ବାଲିଘାଟ ଷଠିଲୋ ସଇରାତ ନିଲାମ ସମାପ୍ତ ପରେ ଚିତ୍ରୋତ୍ପଲା ନଦୀ ବାଲିଘାଟ, ପନଦିଆ ସଇରାତ ନିଲାମ କରାଯିବ ।

**ନିଲାମର ସ୍ଥାନ ଓ ଧାର୍ଯ୍ୟ ତାରିଖ – ତହସିଲ କାର୍ଯ୍ୟାଳୟ,ଗରଦପୁର ତା-୧୬.୦୯.୨୨ ରିଖ ଦିବା ୧୧.୦୦ ଘଟିକା**

ଉପରୋକ୍ତ ଦିନ ବୈଧ ଦରଖାସ୍ତ ଅଭାବରୁ ଯୋଗ୍ୟ ଲିଜଧାରୀ ଚୟନ ନ ହୋଇପାରିଲେ ପୁନଃ ନିଲାମ ଯଥା କ୍ରମେ ତା- ୦୧.୧୦.୨୨ ଦିବା ୧୧ ଘଟିକା ଏବଂ ତା-୦୧.୧୧.୨୨ ଦିବା ୧୧ ଘଟିକାରେ ଅନୁଷ୍ଠିତ ହେବ ।

| କ୍ରମିକ ସଂଖ୍ୟା | ସଇରାତ ମିସ କେସ ନଂ- | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା | କିସମ | ସର୍ବନିମ୍ନ ବାର୍ଷିକ ଗଚ୍ଛିତ ପଦାର୍ଥର ପରିମାଣ (ଘନ ମିଟର ପିଛା ) | ରୟାଲିଟି | ସର୍ବନିମ୍ନ ଅତିରିକ୍ତ ମୂଲ୍ୟ |
|---|---|---|---|---|---|---|---|---|---|---|
| ୧ | ୧/୨୧-୨୨ | ଲୁଣା ନଦୀ ବାଲିଘାଟ, ଷଠିଲୋ | ଷଠିଲୋ | ୨୪୧ | ୫୦.୫୬ ଏବଂ ୫୮ | ଏ୧୧.୬୦ | ନଦୀ | ୨୭୫୦୦ Cum | ୩୫ | ୧୪ |
| ୨ | ୨/୨୧-୨୨ | ଚିତ୍ରୋତ୍ପଲା ନଦୀ ବାଲିଘାଟ ,ପନଦିଆ | ପନଦିଆ | ୩୭୬ | ୧୨୦୮ ଏବଂ ୬୪୬ | ଏ୯.୨୦ | ନଦୀ | ୧୦୦୦୦ Cum | ୩୫ | ୧୪ |

ତହସିଲଦାର-ତଥା- କ୍ଷମତାପ୍ରାପ୍ତ ଅଧିକାରୀ ,
ଗରଦପୁର

ପରିପତ୍ରାଙ୍କ ନଂ :୨୩୯୭ ତା.୧୬.୦୮.୨୦୨୨

ଏହାର ଏକକିତ ନକଲ ଜିଲ୍ଲାପାଳ / ଉପ- ଜିଲ୍ଲାପାଳ କେନ୍ଦ୍ରାପଡା /ମଣ୍ଡଳ ଉନୟନ ଅଧିକାରୀ, ଗରଦପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,ଗରଦପୁର

ପରିପ୍ରତାଙ୍କ ନଂ.୨୩୯୮ ତା.୧୬.୦୮.୨୦୨୨

ଏହାର ଏକକିତା ନକଲ DIO,NIC,କେନ୍ଦ୍ରାପଡା ଙ୍କ ଅବଗତି ତଥା କେନ୍ଦ୍ରପଡା ଜିଲ୍ଲା Website ରେ ଉପଲବ୍ଧ କରିବା ନିମନ୍ତେ ଏବଂ PRO, DIPRO, Collectorate କେନ୍ଦ୍ରାପଡାଙ୍କ ଅବଗତି ତଥା ଦୈନିକ ୨ଟି ଖବର କାଗଜରେ ବିଜ୍ଞାପନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,ଗରଦପୁର

ପରିପ୍ରତାଙ୍କ ନଂ:୨୩୯୯ ତା.୧୬.୦୮.୨୦୨୨

ଏହାର ନକଲ ମଣ୍ଡଳ ଉନୟନ ଅଧିକାରୀ, ଗରଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ନୋଟିସ ବୋର୍ଡ/ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ/ସମସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନୋଟିସ ବୋର୍ଡ / ସମସ୍ତ ଗ୍ରାମର ସମ୍ପୃକ୍ତ ଗ୍ରାମ ଏବଂ ସଇରାତ ସ୍ଥଳରେ ଜନସାଧାରଣଙ୍କ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,ଗରଦପୁର